# ପଞ୍ଚବଟୀ, ପୂଜା 2021

# ସାକ୍ଷାତ ସଂଳାପ

ଡକ୍ଟର ବିଜୟାନନ୍ଦ ସିଂହ

କଥାକାର : ତରୁଣକାନ୍ତି ମିଶ୍ର

1 ଆପଣଙ୍କ ସାରସ୍ୱତ ଜୀବନର ପ୍ରାଥମିକ ଉତ୍ସାହଟି କିପରି ଥିଲା ?

ଉତ୍ତର

ପିଲାଟି ଦିନରୁ ମୁଁ ଗପ ଶୁଣିବାକୁ ବହୁତ ଭଲ ପାଉଥିଲି । ମୋ ମାଆ ସୁନ୍ଦର ଗପ କହି ପାରନ୍ତି । ପ୍ରତି ସଞ୍ଜରେ ଆମେ ସବୁ ଭାଇଭଉଣୀ ଏକାଠି ବସି ତାଙ୍କଠାରୁ ଗପ ଶୁଣୁ । ଜହ୍ନ ଆଲୁଅରେ, କିମ୍ବା ରୋଷେଇଘର ଛାଇ ଛାଇ ଅନ୍ଧାର ଭିତରେ । ଧ୍ରୁବ, ଧର୍ମପଦ, ନଚିକେତାଠାରୁ ଆରମ୍ଭ କରି ୟାଙ୍ଗ ସୁ, କାସାବାଏଙ୍କା ପର୍ଯ୍ୟନ୍ତ । ମୋ ଅଜା ବି କହୁଥିଲେ ଚମତ୍କାର ଗପ : ଦେବଦେବୀଙ୍କ କାହାଣୀ ଠାରୁ ଆରମ୍ଭ କରି ଭୂତପ୍ରେତ ବୃତ୍ତାନ୍ତ ଯାଏ । ବାସ୍ତବିକ ସେ ଖୁବ ବିଶ୍ୱାସ କରୁଥିଲେ ଅଲୌକିକତାରେ । ଆମେ ମଧ୍ୟ ବିଶ୍ୱାସ କରୁଥିଲୁ, ସେ କାଳୀଙ୍କୁ ନିଜ ଆଖିରେ ଦେଖିଛନ୍ତି ଘୋର ଜଙ୍ଗଲ ଭିତରେ, ଅନେକ ଅବାଧ, ଦୁଷ୍ଟବୁଦ୍ଧି ଭୂତପ୍ରେତଙ୍କୁ ଉଚିତ ଶିକ୍ଷା ଦେଇଛନ୍ତି । ସଂସାର ମୋତେ ଲାଗୁଥିଲା ଅଦଭୁତ ରହସ୍ୟମୟ, କେନ୍ଦୁଝରର ଆରଣ୍ୟକ ପରିବେଶରେ । ଏ ସବୁ ମୋତେ ଉତପ୍ରେରିତ କରିଥିଲା ଗପ ଲେଖିବାକୁ । ମୋ' ମାଆ ମୋତେ ଲେଖିବାକୁ ବହୁତ ଉତ୍ସାହିତ କରିଛନ୍ତି । ପିଲାଟି ଦିନରୁ ।

ଏକ ଛୋଟ ଉପାନ୍ତ ସହରରେ, ମୁଁ ପଞ୍ଚମ ଶ୍ରେଣୀରେ ପଢୁଥିବା ସମୟରେ, ମୋ ମାଆ କୌଣସି ଜଟିଳ ଅପରେସନ ପାଇଁ ଡାକ୍ତରଖାନାରେ ରହିଥିଲେ ଗୋଟିଏ ସପ୍ତାହ । ସେହି ସାତଟି ଦିନ ଆମେ ଛଅ ଭାଇଭଉଣୀ ମାଆଛେଉଣ୍ଡ ହୋଇ ଯାଇଥିଲୁ । ସେହି ସମୟରେ ମୁଁ ଲେଖିଥିଲି ମୋର ପ୍ରଥମ ଗଳ୍ପ, ଗୋଟିଏ ମାଆ ଛେଉଣ୍ଡ ପିଲାର କାହାଣୀ । ଗପଟି ଲେଖିଥିଲି ଲୁଚେଇ ଲୁଚେଇ । ଡାକ୍ତରଖାନାରୁ ଫେରିବା ପରେ ମାଆଙ୍କ ହାତରେ ସେ ଗପଟି ପଡ଼ି ଯାଇଥିଲା । ଗପଟି ପଢି ସାରି, ଛଳ ଛଳ ଆଖିରେ

ସେ କହିଥିଲେ ବାପାଙ୍କୁ, ମୁଁ ଯଦି ଡାକ୍ତରଖାନାରେ ମରି ଯାଇ ଥାଆନ୍ତି, ମୋ' ପିଲାଙ୍କର କଅଣ ହୋଇ ଥାଆନ୍ତା !

ଏହାର ପାଞ୍ଚବର୍ଷ ପରେ, ମୋର ଗୋଟିଏ ଗଳ୍ପ ପ୍ରକାଶ ପାଇଥିଲା ସେ ସମୟର ଲୋକପ୍ରିୟ ସାହିତ୍ୟପତ୍ରିକା 'ଆସନ୍ତାକାଲି'ରେ । ଗପଟି ପଢ଼ି ମାଆ ବହୁତ ଖୁସି ହୋଇଥିଲେ ।

2 ପ୍ରଶାସନିକ ଅଧିକାରୀ ଓ ସାହିତ୍ୟ ସାଧକ ଭାବରେ ଆପଣଙ୍କ ସୁନାମ ରହିଛି । ଏଇ ଦୁଇଟି ମଧ୍ୟରେ ଆପଣ କିପରି ଭାରସାମ୍ୟ ରକ୍ଷା କରିଛନ୍ତି ?

ଉତ୍ତର

ପାରିବାରିକ ପ୍ରତ୍ୟାଶା, ବିଶେଷ କରି ବାପାଙ୍କ ଆଗ୍ରହ, ମୋତେ ବାଧ୍ୟ କରିଥିଲା ପ୍ରଶାସନିକ ବୃତ୍ତି ଗ୍ରହଣ କରିବା ପାଇଁ । ମାଆ ଚାହୁଁଥିଲେ ମୁଁ ଲେଖକଟିଏ ହେବାକୁ । ମୁଁ ଯଥାସାଧ୍ୟ ଚେଷ୍ଟା କରିଛି, ଜୀବନ ଓ ଜୀବିକା, ବୃତ୍ତି ଓ ପ୍ରବୃତ୍ତିର ଦ୍ୱୈତ ଅବସ୍ଥିତିରେ ବଞ୍ଚିବାକୁ । ଅବଶ୍ୟ ଯୁକ୍ତି କରିହେବ, ଲେଖକ ହୋଇ ନ ଥିଲେ ମୁଁ ହୁଏତ ଆହୁରି ବେଶି ସମୟ ଦେଇପାରି ଥାଆନ୍ତି ପ୍ରଶାସନ କାର୍ଯ୍ୟରେ, କିମ୍ବା ପ୍ରଶାସକ ହୋଇ ନ ଥିଲେ ଆହୁରି ଅଧିକ ଅବସର ପାଇ ଥାଆନ୍ତି ଲେଖାଲେଖି କରିବାକୁ ।

କିନ୍ତୁ କିଏ ଜାଣେ ! ହୁଏତ କିଛି ବି ହୋଇ ପାରି ନ ଥାଆନ୍ତା ସେଭଳି ପରିସ୍ଥିତିରେ । ନା ଏ କୂଳ, ନା ସେ କୂଳ । କହିବା କଷ୍ଟ ।

ମୁଁ ଭାବେ, ମୋର ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ବିରୋଧାଭାସ ଅଳ୍ପ ରହିଛି, ପରିପୂରକତା ଅଧିକ । ପ୍ରଶାସନିକ ଜୀବନରେ ମୁଁ ମଣିଷର ବିବିଧ ରୂପକୁ ଦେଖିଚି, ଜୀବନର ନାନା ରଙ୍ଗ ।

ମୋର ପ୍ରଶାସନିକ ଅଭିଜ୍ଞତାକୁ ନେଇ ମୁଁ ଲେଖି ପାରିଛି 'ଦିନେ ରାତିରେ', 'ରେବତୀ', 'ଅନ୍ଧରାତିର ଲୁହ' ଭଳି କିଛି ଗଳ୍ପ ଓ 'ଶରଦଃ ଶତମ' ଭଳି ଉପନ୍ୟାସ ।

3 ଓଡ଼ିଆ କଥା ସାହିତ୍ୟରେ ଆପଣଙ୍କ ଅଭିଯାତ୍ରା ପ୍ରେରଣାପ୍ରଦ । ପ୍ରଥମ ଗଳ୍ପ ପ୍ରକାଶ ପାଇଥିଲା ସ୍କୁଲଛାତ୍ର ଥିବା ବେଳେ । କିଭଳି ଥିଲା ସୃଜନର ସେହି ପ୍ରଥମ ପୁଲକ ?

ଉତ୍ତର

ମୋର ପ୍ରଥମ ପ୍ରକାଶିତ ଗଳ୍ପର ନାମ 'ହେ ପୃଥିବୀର ନାଗରିକ' । ଗପଟି ଲେଖିଥିଲି ସ୍କୁଲରେ ପାଠ ପଢିବା ସମୟରେ । ସେଦିନରୁ ଆଜି ଯାଏ ମୁଁ ପ୍ରାୟ ତିନି ଶହ ଗଳ୍ପ ଲେଖିଛି । ପ୍ରତି ଗଳ୍ପର ସ୍ମୃତି ଅଲଗା, ସୃଜନ ପ୍ରେରଣା ଓ  ଅନୁଭବ ବି ଅଲଗା । ପ୍ରତି ଗଳ୍ପକୁ ଘେନି ମୋର ସ୍ମୃତି ରହିଛି, କ୍ରମଶଃ ଯାହା ଧୂମିଳ ହୋଇ ଆସୁଛି ସମୟର ବିସ୍ମୃତିରେ ।

କିନ୍ତୁ ପ୍ରଥମେ ପ୍ରକାଶିତ ଗଳ୍ପର ସ୍ମୃତି  ତଥାପି ଅଛି ମନରେ ।

ମନେ ଅଛି,  ସ୍କୁଲ ପତ୍ରିକାରେ  ପ୍ରକାଶ ପାଇଁ  ଅଯୋଗ୍ୟ କହି ସମ୍ପାଦନା ଦାୟିତ୍ୱରେ ଥିବା ଶିକ୍ଷକ ମୋତେ ଗଳ୍ପଟି ଫେରାଇ ଦେଇଥିଲେ । ମତେ ଦୁଃଖ ଲାଗିଥିଲା । ଭାବିଲି ଗପଟି ଚିରି ଦେବି । କିନ୍ତୁ  ତା'ପରେ ଦିନେ କ'ଣ ଭାବି ସେ ଗପଟି କଲିକତାରୁ ପ୍ରକାଶ ପାଉଥିବା ଏକ  ଲୋକପ୍ରିୟ ପତ୍ରିକା 'ଆସନ୍ତାକାଲି'କୁ ପଠାଇ ଦେଇଥିଲି । କିଛିଦିନ ପରେ ଗପଟି ଛାପା ଅକ୍ଷରରେ ଦେଖି ବିଶ୍ୱାସ କରି ପାରି ନଥିଲି । ଗପଟି ପଢି ମୋ ମାଆ ଖୁସି ହୋଇଥିଲେ, କିଛି କିଛି ପ୍ରଶଂସା ବି ପାଇଥିଲି ଅନ୍ୟମାନଙ୍କ ଠାରୁ । ଭାବିଥିଲି, ସେମାନେ ମୋତେ ପ୍ରଶଂସା କରୁଛନ୍ତି କାରଣ ସେମାନେ ମୋତେ ଭଲ ପାଆନ୍ତି । କିନ୍ତୁ ମୋ ପାଇଁ ମଧୁର ବିସ୍ମୟ ଅପେକ୍ଷା କରିଥିଲା ସାତ ବର୍ଷ ଧରି ।

ସାତ ବର୍ଷ ପରେ, ଦିନେ ସଞ୍ଜରେ ମୁଁ ଶୁଣିଥିଲି ମୋ  ଗପର ପ୍ରଶଂସା ଜଣେ ଅପରିଚିତ ଯୁବକଙ୍କ ଠାରୁ । ଲୋକାଲ ଟ୍ରେନରେ ବସି ମୁଁ ଏକୁଟିଆ ଯାତ୍ରା  କରୁଥିବା ସମୟରେ, ମୋ ସାମନା ସିଟରେ ବସିଥିବା ତିନି ଜଣ ଯୁବକ ଗପିଥିଲେ ରାଜନୀତି, କ୍ରିକେଟ, ସିନେମା । ତା'ପରେ ଗପିଥିଲେ ଗଳ୍ପ ବିଷୟରେ । ଜଣେ ଯୁବକ କହିଥିଲେ, ତାଙ୍କର ମନେ ପଡେ ଗୋଟିଏ ପୁରୁଣା ଗଳ୍ପ, 'ଆସନ୍ତାକାଲି'ରେ ବାହାରି ଥିଲା ଅନେକ ଦିନ ତଳେ, ଭଲ ଥିଲା ସେ ଗପଟା । ତା'ପରେ ସେ ସଂକ୍ଷେପରେ ଗଳ୍ପଟିର ସାରାଂଶ କହିଥିଲେ, ଯାହା ଥିଲା ଏକ ହତଭାଗ୍ୟ ବୈଜ୍ଞାନିକଙ୍କ କାହାଣୀ । ଅନ୍ଧାରୁଆ ଟ୍ରେନ କମ୍ପାର୍ଟମେଣ୍ଟ ଭିତରେ ବସି ରହି,  ସେ ଦିନ ମୁଁ ଶୁଣିଥିଲି  ମୋ ନିଜ ଲେଖା ଗଳ୍ପ, ଅନ୍ୟର ତୁଣ୍ଡରୁ । ସଙ୍କୋଚରେ କହି ପାରି ନଥିଲି, ସେ ଗପଟା ମୁଁ ଲେଖିଛି ।

4 ଭାଷାର ବୈଚିତ୍ର୍ୟ ବା ଚମତ୍କାରିତା କ'ଣ ସାହିତ୍ୟକୁ ବଳିଷ୍ଠ କରେ କି ? ଏ ସମ୍ପର୍କରେ ଆପଣଙ୍କ ମତ ?

ଉତ୍ତର

ଭାବ-ପ୍ରକାଶ ନିମନ୍ତେ ଉପଯୁକ୍ତ ଭାଷାର ଆବଶ୍ୟକତା ଅବଶ୍ୟ ରହିଛି । କିନ୍ତୁ ରଚନାରେ ଭାବ ହିଁ ମୁଖ୍ୟ, ଭାଷା କେବଳ ଏକ ପରିବାହକ । ଭାବନାକୁ ନେଇ ଭାଷା । ଆମକୁ ପ୍ରତିଟି ଶବ୍ଦ ଭାବିଚିନ୍ତି ଲେଖିବାକୁ ହେବ । ଦେଖିବାକୁ ହେବ, ଆଡ଼ମ୍ବରପୂର୍ଣ୍ଣ ଭାଷା ଅବା ନୀରସ ଶବ୍ଦ ଯେପରି ବକ୍ତବ୍ୟକୁ ବିକୃତ, ଅସ୍ପଷ୍ଟ ବା ହ୍ରସ୍ୱ କରି ନ ଦିଏ ।

5 'ଆବର୍ତ୍ତର ଦୁଇଟି ସ୍ୱର' ଆପଣଙ୍କ ଆଦ୍ୟ ସଂକଳନ ।ଏ ସମ୍ପର୍କରେ କିଛି ଅନୁଭୂତି କୁହନ୍ତୁ ।

ଉତ୍ତର

ବହିଟି ପ୍ରକାଶ ପାଇଥିଲା ମୁଁ ବିଜେବି କଲେଜରେ ପାଠ ପଢୁ ଥିବାବେଳେ । ସେତେବେଳକୁ ମୋର କିଛି ଗଳ୍ପ ପ୍ରକାଶ ପାଇ ସାରିଥାଏ ବିଭିନ୍ନ ପତ୍ରପତ୍ରିକାରେ । କିଛି ଅନୁକୂଳ ମନ୍ତବ୍ୟ ବି ମିଳିଥିଲା । ମୋର କେତେକ ବନ୍ଧୁ ଓ ବିଶେଷ କରି ମୋ ପରିବାରର ଲୋକେ ଚାହିଁଥିଲେ ମୋର ବହିଟିଏ ଦେଖିବାକୁ । କଞ୍ଚା ହାତର ଲେଖା, କିନ୍ତୁ କିଛି ଆଦର ମିଳିଥିଲା ।

6 ଚରିତ୍ର ଚିତ୍ରଣରେ ଆପଣ ବେଶ ପାରଙ୍ଗମ । ଏହି କୌଶଳଟି କିପରି ଆୟତ୍ତ କରି ପାରନ୍ତି ଆପଣ ?

ଉତ୍ତର

ମୋ ଗଳ୍ପର ପ୍ରତି ଚରିତ୍ର ମୋ ପରିଚିତ ପୃଥିବୀର । ଅତିକଳ୍ପନାକୁ ଆଶ୍ରୟ କରି ମୁଁ କୌଣସି ଚରିତ୍ର ଗଢ଼ି ନାହିଁ । ତା'ର ଆବଶ୍ୟକତା କେବେ ପଡ଼ିନାହିଁ । ଦଣ୍ଡକାରଣ୍ୟର ଶରଣାର୍ଥୀ ନିତେଇ ମଣ୍ଡଳ, ମୟୂରଭଞ୍ଜର ଦରିଦ୍ର ପଥର-ଶିଳ୍ପୀ ଧୂଳି ମହାରଣା, ମିଜୋରାମର ଅସହାୟ ଅକିଞ୍ଚନ ସାଇଚୁଆନା, ଆରିଜୋନା ମରୁଭୂମି ନିକଟବର୍ତ୍ତୀ ସହରର ଜନୈକ ଯୁବକ ଆଲେକ୍ସ, ଉତ୍ତର ଆମେରିକାର ବରଫଭିଜା ରାତିରେ କେହି ଜଣେ ବିଡମ୍ବିତ ମଣିଷ କେଭିନ ପାର୍କର ଆଣ୍ଡରସନ - ଏମାନେ ସମସ୍ତେ ମୋ ଆଖିଦେଖା ମଣିଷ । କଳାହାଣ୍ଡିର

ଦୁଃଖିନୀ ଝିଅ ରେବତୀକୁ ବି ଦେଖିଚି ରକ୍ତ ମାଂସ ଦେହରେ । କିନ୍ତୁ ହଠାତ ଚିହ୍ନି ପାରିନାହିଁ । ଏ ସବୁ ଚରିତ୍ର ଚିହ୍ନା ଦିଅନ୍ତି, ଧୀରେ ଧୀରେ, ନିରୋଳାରେ, ଥକି ପଡିଥିବା ସମୟରେ, ସ୍ୱପ୍ନରେ ।

ସେହି ସାନ୍ନିଧ ଓ ସେହି ସ୍ୱପ୍ନ ହିଁ ମୋର ଅବଲମ୍ବନ ଗପଟିଏ ଲେଖିବାରେ । ମୁଁ ଚେଷ୍ଟା କରେ ସ୍ୱାଭାବିକ ଢଙ୍ଗରେ ଲେଖିବାକୁ, ନିଜ ଭାଷାରେ ଓ ଶୈଳୀରେ, ନିଜ ମାର୍ମିକ ଅନୁଭବ ।

7 ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ସାହିତ୍ୟ ସୃଜନର ଆପଣ ନିମଜ୍ଜିତ । ବହୁ ଅନୁଭୁତିର ମଧ ଅଧିକାରୀ ଆପଣ । କେଉଁ ପ୍ରସଙ୍ଗ ଆପଣଙ୍କୁ ବିଶେଷ ଆନ୍ଦୋଳିତ କରିଛି ଲେଖିବା ପାଇଁ ?

ଉତ୍ତର

ମଣିଷର ଅସହାୟତା ମୋତେ ଆନ୍ଦୋଳିତ କରିଦିଏ । ପଞ୍ଚମ ଶ୍ରେଣୀରେ ଲେଖିଥିବା ମାଆ ଛେଉଣ୍ଡ ପିଲାଟି ଠାରୁ ଆରମ୍ଭ କରି; ଚଉଦ ବର୍ଷ ବୟସରେ ଲେଖା ମୋର ପ୍ରଥମ ପ୍ରକାଶିତ ଗଳ୍ପର କାରାରୁଦ୍ଧ, ଉପାୟଶୂନ୍ୟ ବୈଜ୍ଞାନିକଟି; ସ୍ୱପ୍ନକୁ ଅନୁସରଣ କରି କଲିକତାର ଅନ୍ଧଗଳିରେ ହଜି ଯାଇଥିବା ରେବତୀ ନାମକ ନିରୀହ ଝିଅଟି; ଅଥବା ମୃତ୍ୟୁର ମୁହାଁମୁହିଁ ଏକୁଟିଆ ମଣିଷ । ଏ ସବୁ କାହାଣୀରେ ଆପେ ଆପେ ଧରା ଦେଇଛି ମଣିଷର ଅସହାୟତାର ଛବି । କିନ୍ତୁ ସେହି ଅସହାୟତା ଭିତରେ, ମଣିଷ ନିଶ୍ଚିହ୍ନ ହୋଇନାହିଁ, ମାନବିକତାର ମୃତ୍ୟୁ ହୋଇନାହିଁ । ଏ ସବୁ ଦୁର୍ଦ୍ଦଶା ଭିତରେ ବାରମ୍ବାର ମଣିଷ ଭୂଇଁରୁ ଉଠି ବସିଛି । ବଞ୍ଚିବାକୁ ଚେଷ୍ଟା କରିଛି । ରେବତୀ, ଅରଣ୍ୟ ଆଦିମ, ଧୂଳିଘର, ବଞ୍ଚିବାର ଦିନ - ଏଭଳି ଅନେକ ଗଳ୍ପରେ । ଆଦିବାସୀ ଓ ପୂର୍ବବଙ୍ଗୀୟ ଶରଣାର୍ଥୀଙ୍କୁ ନେଇ ଲେଖା ମୋର ଉପନ୍ୟାସ 'ଶରଦଃ ଶତମ'ରେ ବି ସେହି କାହାଣୀ ରହିଛି, ଅସହାୟତା ଭିତରେ ବଞ୍ଚିବାର ।

8 ଆପଣଙ୍କ ଗଳ୍ପର ନାମକରଣରେ ମଧ ସ୍ୱତନ୍ତ୍ରତା ବାରି ହୋଇପଡେ । ଏହା କଅଣ ପାଠକଙ୍କୁ ଆକର୍ଷିତ କରିବା ପାଇଁ ନା ବିଷୟ ଉପଯୋଗୀ ?

ଉତ୍ତର

ଅଧିକାଂଶ ସମୟରେ ନାମଟି ଆପେ ଆପେ ଆସିଥାଏ ମନକୁ, ଗପ ଲେଖିବା ବେଳୁ, ଯେପରି କୋମଳ ଗାନ୍ଧାର, ଛାୟାପଥ, ଲଳିତ ଆଖ୍ୟାନ, ମୋକ୍ଷ, ଅଜଣା ତିଥିର ଜନ୍ମ, ଅତିଥି ସକାଳ । ଆଉ କେତେ ସମୟରେ, ଟିକିଏ ଅପେକ୍ଷା କରିବାକୁ ପଡ଼େ, ଠିକ ନାମଟି ମନେ ପଡ଼େ ନାହିଁ । ଶେଷରେ ନାମଟି ଧରାଦିଏ : ଶରଦଃ ଶତମ, ବୀତଂସ, ତୈଜସ, ଲୁବ୍ଧକର ରାତି, ନୀଡ଼ ନଦୀ ଓ ତମାଳ, ପାରାଡ଼ାଇଜ ପକ୍ଷୀ ଓ ଜଣେ ନିରସ୍ତ୍ର ଆତତାୟୀ ।

9 'ଭାସ୍ୱତୀ' ନିମନ୍ତେ ଆପଣ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ଏ ସମ୍ପର୍କରେ ଆପଣଙ୍କ ଅନୁଭବ କିପରି ?

ଉତ୍ତର

ପୁରସ୍କାର ପାଇଲେ ଭଲ ତ ଲାଗେ । କିନ୍ତୁ ତାହା ସାମୟିକ ଆନନ୍ଦ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବା ବେଳକୁ ଲେଖକଟିଏ ଉତ୍ତୀର୍ଣ୍ଣ ବୟସରେ ପାଦ ଦେଇ ସାରିଥାଏ, କେହି କେବେ କେବେ ସୃଜନ-ସଂସାରରୁ ପ୍ରାୟତଃ ଅବସର ବି ନେଇ ସାରି ଥାଆନ୍ତି । ତେଣୁ ଏଥିରେ ପ୍ରେରଣା ମିଳିବାର ନାହିଁ । ମୋତେ ବି ମିଳି ନାହିଁ । ସାରା ଜୀବନ ମୁଁ ପ୍ରେରିତ ହୋଇଛି ମୋର ପ୍ରିୟ ପାଠକପାଠିକାମାନଙ୍କ ଶ୍ରଦ୍ଧା ଓ ସହୃଦୟତାରେ । ସେମାନଙ୍କ ମନକୁ ପାଇଲା ଭଳି ଗଳ୍ପ ଲେଖିବା ହିଁ ହେବ ମୋ ଜୀବନର ଆନନ୍ଦ ଓ ପରିପୂର୍ଣ୍ଣତା ।

11 ଗଳ୍ପ ରଚନା କାଳରେ ଲେଖକଙ୍କୁ କେଉଁ ବିଷୟ ପ୍ରତି ଅଧିକ ସଜାଗ ହେବାକୁ ପଡିବ ବୋଲି ଆପଣ ଭାବନ୍ତି ?

ଉତ୍ତର

ଲେଖକର ସତ୍ୟବଦ୍ଧତା । ସେ କହୁଥିବା ପ୍ରତିଟି ଶବ୍ଦ ତା' ନିଜ ହୃଦୟ ଓ ବିବେକର ଭାଷା ହୋଇଥିବା ଆବଶ୍ୟକ । ଯେଉଁ ଶବ୍ଦଟି ତୁମ ନିଜର ନୁହେଁ, ଯାହା ତୁମେ ବିଶ୍ୱାସ କର ନାହିଁ, ତାହା ନ ଲେଖିବା ଉଚିତ ।

12 ଭଲ ଗଳ୍ପ କହିଲେ ଆପଣ କଅଣ ବୁଝନ୍ତି ?

ଉତ୍ତର

ଭଲ ଗଳ୍ପର ସଠିକ ସଂଜ୍ଞା ମୋତେ ଜଣା  ନାହିଁ । ଜାଣିଥିଲେ, ମୁଁ ଅନେକ ଭଲ ଗଳ୍ପ ଲେଖି ପାରି ଥାଆନ୍ତି । ଦୁଃଖର କଥା, କ'ଣ ଥିଲେ ବା କ'ଣ ନଥିଲେ ରଚନାଟିଏ 'ଭଲ ଗଳ୍ପ' ହୁଏ, ଲେଖକକୁ ପ୍ରାୟ ଜଣା ନ ଥାଏ । ଜାଣିବାର ସେହି କୌତୁହଳରେ ଜଣେ ଲେଖକ ତା'ର ସାରା ଜୀବନ ଉଜାଡ଼ି ଦେଇଥାଏ । ମୁଁ ମଧ୍ୟ । ଅନେକ ବିନିଦ୍ର ରାତି ମୁଁ କାଟିଛି, ଜାଣିବା ପାଇଁ, ଭଲ ଗଳ୍ପର ସ୍ୱରୂପ କ'ଣ, ଭଲ ଗଳ୍ପଟିଏ ଲେଖିବାର କିଭଳି ସନ୍ତୋଷ ।

ମୋତେ ଏତିକି ହିଁ ଜଣା, ଯଦି ଗଳ୍ପଟିଏ ଭଲ ହୋଇଥାଏ, ତାହା ମନେ ପଡ଼େ ଅନେକ ଦିନ ପରେ, ଅନେକ ବର୍ଷ ପରେ, ଦୁଃଖରେ, ସୁଖରେ, ଅବା ନିରୋଳାରେ । ଭଲ ଗଳ୍ପର ମୃତ୍ୟୁ ନାହିଁ । ଅମରତ୍ୱ ହିଁ ତା'ର ଏକମାତ୍ର ପରିଚୟ ।

13 ପୁରସ୍କାର ପ୍ରତିଭାକୁ ପ୍ରୋତ୍ସାହିତ କରିଥାଏ । ଅନେକ ସମୟରେ ଏ ସମ୍ପର୍କରେ ବିତର୍କ ଦେଖାଦେଇଥାଏ । ଏ ସମ୍ପର୍କରେ ଆପଣ କଣ କହିବେ ?

ଉତ୍ତର

ପୁରସ୍କାର ପ୍ରତିଭାକୁ ପ୍ରୋତ୍ସାହିତ କରି ନ ଥାଏ । କାରଣ ଅଧିକାଂଶ ଲେଖକ ପୁରସ୍କୃତ ହୋଇ ଥାଆନ୍ତି ବହୁ ବିଳମ୍ବରେ, କେହି କେହି ଆଉ ଲେଖୁ ବି ନ ଥାନ୍ତି । ସେମାନଙ୍କ କ୍ଷେତ୍ରରେ ପ୍ରୋତ୍ସାହନ ଶବ୍ଦଟି ପ୍ରୟୋଗ କରି ହେବ ନାହିଁ । ପୁରସ୍କାର କିଛି ପରିଚିତି ଦିଏ ଓ କିଛି ସ୍ୱୀକୃତି । ଲେଖକ ପାଇଁ କିଛି ଭଲ ଅନୁଭବ, ଟିକିଏ ଖୁସି ।

ପୁରସ୍କାର ପ୍ରଦାନ କ୍ଷେତ୍ରରେ ବିତର୍କ ହେବା ସ୍ୱାଭାବିକ ।  ସବୁ ଦେଶରେ, ସବୁ କାଳରେ ବିତର୍କ ହୋଇଥାଏ । କିନ୍ତୁ ଏହି ବିତର୍କ ଯୁକ୍ତିନିଷ୍ଠ ଓ ଗୁଣଭିତ୍ତିକ ହେବା ଉଚିତ । ଭିତ୍ତିହୀନ କିମ୍ବା ଉଦ୍ଦେଶ୍ୟମୂଳକ ସମାଲୋଚନା ଆଦୌ ସ୍ପୃହଣୀୟ ନୁହେଁ ।

14 ନବ ପ୍ରଜନ୍ମର କଥାକାରଙ୍କ ଲେଖା ସମ୍ପର୍କରେ ଆପଣଙ୍କ ଅନୁଭବ କ'ଣ ?

ଉତ୍ତର

ମୁଁ ସେମାନଙ୍କ ଲେଖା ଆଗ୍ରହରେ ପଢେ । ମତେ ଭଲ ଲାଗେ ସେମାନଙ୍କ ନୂତନ ଭାବଲୋକ, ନୂତନ ଭାଷା ଓ ବ୍ୟଞ୍ଜନା । ଅନେକ ଯୁବସାହିତ୍ୟିକ ଅତି ନିଷ୍ଠାର ସହିତ ଲେଖୁଛନ୍ତି । ଆମେ ଦେଖିଥିବା ପୃଥିବୀଠାରୁ ଅଧିକ ବିଭବଶାଳୀ ସେମାନଙ୍କର ପୃଥିବୀ, ଅଧିକ ବିସ୍ତୀର୍ଣ୍ଣ ତାହାର ଦିଗବଳୟ । ସେମାନଙ୍କର ସ୍ୱର ଅଧିକ ମୁକ୍ତ ଓ ମାର୍ମିକ । ଅବଶ୍ୟ ୟାଡୁ ସ୍ୟାଡୁ ବି ଅନେକ ଲେଖା ଯାଉଛି; ସେ ତ ଥିଲା ସବୁ କାଳରେ । ରହିଥିବ । ମୁଁ ଆଶାବାଦୀ ମୋ ଭାଷା ଓ ସାହିତ୍ୟର ଭବିଷ୍ୟତ ସମ୍ପର୍କରେ । ଜଗତୀକରଣ କିମ୍ବା ସୂଚନା ପ୍ରଯୁକ୍ତି ବିଦ୍ୟା ଓଡ଼ିଆ ସାହିତ୍ୟର ଅବକ୍ଷୟ କରିବ ନାହିଁ, ଅଧିକ ଋଦ୍ଧିମନ୍ତ କରିବ ।

15 ତରୁଣକାନ୍ତି ମିଶ୍ର ତାଙ୍କ ପାଠକମାନଙ୍କୁ କେଉଁ ବାର୍ତ୍ତା ଦେବେ ?

ଉତ୍ତର

ମୋର 'ବାର୍ତ୍ତା' କିଛି ସେମିତି ନାହିଁ । ଯାହା ମୋର କହିବାର ଥିଲା, ତାହା ମୁଁ ଚେଷ୍ଟା କରିଛି  କହିବାକୁ ମୋ' ଗଳ୍ପରେ । କେହି କେହି ପାଠକ - ଅଧିକାଂଶଙ୍କୁ ମୁଁ ଭେଟି ନାହିଁ ଜୀବନରେ - ମୋ ଲେଖାକୁ ଭଲ ପାଇଛନ୍ତି, ମୋର କହିବାର କଥା ସେମାନଙ୍କ ହୃଦୟକୁ ସ୍ପର୍ଶ କରିଛି । ଏହା ହିଁ ମୋ ଜୀବନର ଚରମ ପ୍ରାପ୍ତି, ଅସାମାନ୍ୟ ସୌଭାଗ୍ୟ ।  ସେହି ସହୃଦୟ ପାଠକପାଠିକାମାନଙ୍କୁ ମୋର ବିନମ୍ର ନମସ୍କାର ।

********